**ଆଜିର ମନ୍ତବ୍ୟ**

" ନିୟମିତ ପାନୀୟ ଜଳ ପାଇବା ଏକ ମୌଳିକ ଅଧିକାର। ସ୍ୱାଧୀନତାର ୭୫ ବର୍ଷ ପରେ ବି ଲୋକେ ପିଇବା ପାଣି ପାଇଁ ଅଦାଳତଙ୍କ ଦ୍ୱାରସ୍ଥ ହେବା ଦୁର୍ଭାଗ୍ୟଜନକ।

– ବମ୍ବେ ହାଇକୋର୍ଟ



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଆହିଲ୍ ପରିଡା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ବିଧାନସଭା ନିକଟରେ...

ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମେଡିସିନ୍ ୱାର୍ଡରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ପ୍ରାୟ ୭ଟାରେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଉଛନ୍ତି ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ(୩୦)।

ସୂଚନା ଅନୁଯାୟୀ ୨୦୨୦ ମାର୍ଚ୍ଚ ୨୨ ରାତିରେ ଦୁଷ୍ମନ୍ତ ଘରକୁ ଫେରୁଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଏସ୍‌ସିବି ଅଣାଯାଇଥିଲା। ମାର୍ଚ୍ଚ ୨୩ ତାରିଖରେ ପ୍ଲାଷ୍ଟିକ୍ ସର୍ଜରୀ ୱାର୍ଡରେ ବାମ ଜଙ୍ଘରୁ ମାଂସ ଅଣାଯାଇ ତାଙ୍କ ଗୋଡ଼ର ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ଗୋଡ଼ ଭଲ ହେବା ପରିବର୍ତ୍ତେ ଆହୁରି ଖରାପ ହୋଇଯାଇଥିଲା। ତେଣୁ ଜୁନ୍ ୨୦ରେ ସେ ପୁଣି କଟକ ଆସି ଏସ୍‌ସିବି ମେଡିକାଲରେ ଡାକ୍ତରଙ୍କୁ ଦେଖା କରିଥିଲେ। ସେଠାରେ ତାଙ୍କର ଦ୍ୱିତୀୟ ଅସ୍ତ୍ରୋପଚାର କରାଯାଇଥିଲା। ଏହାସତ୍ତ୍ୱେ ମଧ ଗୋଡ଼ ଭଲ ହୋଇ ନ ଥିଲା। ଏସ୍‌ସିବିର ଅସ୍ଥିଶଲ୍ୟ ବିଭାଗ ଡାକ୍ତର ପରୋକ୍ଷ ଭାବରେ ନିଜ ବିଭାଗ ଦ୍ୱାରା ଭୁଲ ଅସ୍ତ୍ରୋପଚାର ହୋଇଛି ବୋଲି ମାନିବା ସହ ଏଠାରେ ତାଙ୍କର ଗୋଡ ଭଲ ହେବ ନାହିଁ ବୋଲି କହିଥିଲେ। ତେଣୁ ଉନ୍ନତ ଚିକିତ୍ସା ପାଇଁ ବିଜୁ କୃଷକ କଲ୍ୟାଣ କାର୍ଡ ନେଇ ଭୁବନେଶ୍ୱରର ଦୁଇଟି ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଯାଇଥିଲେ। ଏସ୍‌ସିବି ମେଡିକାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ହୋଇଛି ବୋଲି ଘରୋଇ ମେଡିକାଲର ଡାକ୍ତରମାନେ ତାଙ୍କୁ କହିଥିଲେ। ଗୋଡ଼ ଭଲ ହେବା ପାଇଁ ୩ରୁ ୪ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିବା ସହ ମାଗଣା ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କଠୁ ଲିଖିତ ଆଣିବାକୁ କୁହାଯାଇଥିଲା। ହେଲେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଲିଖିତ ଦେବାକୁ ମନା କରିଦେଇଥିଲେ। ତେଣୁ ବାଧ ହୋଇ ଦୁଷ୍ମନ୍ତ ନବୀନ ନିବାସ ଯାଇ ଅଭିଯୋଗ କରିବାରୁ ସେଠାରୁ ତାଙ୍କୁ ପୁଣି କଟକ ଏସ୍‌ସିବିକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଗୋଡ଼ ଭଲ ହେବ ନାହିଁ ବୋଲି ଡାକ୍ତର ତାଙ୍କୁ କହିଥିଲେ। ତେଣୁ ବାଧହୋଇ ଏସ୍‌ସିବିର ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଏବଂ ଅବହେଳା ପାଇଁ ରାଜ୍ୟପାଳ, ସ୍ୱାସ୍ଥ୍ୟ ସଚିବ ଓ ଏସ୍‌ସିବିର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ତାଙ୍କ ଝିଅ ଦେବାଂଶୀ ମଧ ବାପାଙ୍କ ରୋଗକୁ ଭଲ କରିବା ପାଇଁ ଏକ ଭିଡିଓ ମାଧମରେ ନିବେଦନ କରିଥିଲେ। ସେହି ଭିଡିଓଟି ସାମାଜିକ ଗଣମାଧମରେ ଭାଇରାଲ ହେବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କୁ ଚିଠି ଲେଖି ଦୁଷ୍ମନ୍ତଙ୍କ ଚିକିତ୍ସା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ଅଗଷ୍ଟ ୧୬ରେ ଦୁଷ୍ମନ୍ତ ଏସ୍‌ସିବିର ଅସ୍ଥିଶଲ୍ୟ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ପୁଣିଥରେ ଆଡ୍‌ମିଶନ ହୋଇଥିଲେ। ହେଲେ ସେଠାରେ ତାଙ୍କର କୌଣସି ଚିକିତ୍ସା କରାଗଲା ନାହିଁ। ଏସ୍‌ସିବିରେ ଏହାର ଚିକିତ୍ସା ହୋଇପାରିବ ନାହିଁ ବୋଲି ଜଣେ ଡାକ୍ତର ଦୁଷ୍ମନ୍ତଙ୍କୁ କହିଥିଲେ। ଏପରିକି ସେଠାରେ ତାଙ୍କୁ ଔଷଧ ମଧ ସେବନ କରିବାକୁ ଦିଆ ନ ଯାଇ ନିର୍ଯାତନା ଦିଆଯାଇଥିଲା। ଏଭଳି ଘଟଣାରେ ମର୍ମାହତ ହୋଇ ଦୁଷ୍ମନ୍ତଙ୍କ ମା' ବାସନ୍ତୀ ଗତ ଅଗଷ୍ଟ ୨୬ରେ ତାଙ୍କ ପରିବାରକୁ ଇଚ୍ଛା ମୃତ୍ୟୁ ଅନୁମତି ଦେବାକୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ ବୋଲି ବୁଧବାର ଦୁଷ୍ମନ୍ତ ବିଷପାନ କରିବାର କିଛି ସମୟ ପରେ ଗଣମାଧମ ନିକଟରେ ପ୍ରକାଶ କରିଥିବା ଜଣାପଡ଼ିଛି।

## ବାଚସ୍ପତିଙ୍କୁ ଗୃହକୁ...

ପୂର୍ବାହ୍ନରେ କିଛି ସମୟ ପାଇଁ ଛାଡ଼ିଥିଲେ। ବାଚସ୍ପତି ଅପରାହ୍ନରେ ଚାମ୍ବରକୁ ଫେରିବା ପରେ ବିରୋଧୀ ସଦସ୍ୟମାନେ ପୁଣିଥରେ ଘେରାଉ କରିଥିଲେ। ବାଚସ୍ପତି ଗୃହ ଚଳାଇବାକୁ ଆସିପାରି ନ ଥିଲେ। ଉପବାଚସ୍ପତି ହଟ୍ଟଗୋଳ ମଧରେ ୪ଟି ବିଲ୍‌କୁ ବିନା ଆଲୋଚନାରେ ପାରିତ କରିଥିଲେ। ବିଲ୍ ପାରିତ ହେବା ପରେ ଉପବାଚସ୍ପତି ଗୃହକୁ ଗୁରୁବାର ପୂର୍ବାହ୍ନ ୧୦ଟା ଯାଏ ବିଧାନସଭାକୁ ମୁଲତବୀ ଘୋଷଣା କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ବେଦାନ୍ତ ପରିଚାଳିତ ଫେକର ଓସ୍ତପାଳ ଖଣିର ଅନିୟମିତତାକୁ କିଭଳି ପ୍ରଶାସନ ସହାୟତାରେ ଘୋଡ଼ାଯାଉଥିଲା ତାହା ବେଦାନ୍ତର ଏକ ଆଭ୍ୟନ୍ତରୀଣ ଇ-ମେଲ୍‌ରୁ ଜଣାପଡ଼ିଥିଲା। ଏହି ଖବର ଧରିତ୍ରୀରେ ଜୁଲାଇ ୨୯ ତାରିଖରେ ପ୍ରକାଶ ପାଇଥିଲା। ଏହାକୁ ନେଇ ବିରୋଧୀ ଦଳ ବିଧାନସଭାରେ ଖଣି ଦୁର୍ନୀତି ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଥିଲେ। ଏନେଇ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। ତେବେ ବାଚସ୍ପତି ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିଲେ। ଖଣି ଦୁର୍ନୀତି ପ୍ରସଙ୍ଗ ଆଲୋଚନା ପାଇଁ ସରକାର ରାଜି ହେଉ ନ ଥିବା ଜାଣି ବିରୋଧୀ ଦଳ ଗୃହକୁ ଅଚଳ କରି ଦେଇଥିଲେ।

ଗୃହ ଅଚଳ ହେବା ପରେ ଶାସକ ଓ ବିରୋଧୀ ପରସ୍ପରକୁ ଦୋଷାରୋପ କରିଛନ୍ତି। ବିଧାନସଭା ବାହାରେ ଗଣମାଧମକୁ ସୂଚନା ଦେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଧରିତ୍ରୀରେ ଖଣି ଦୁର୍ନୀତିକୁ ନେଇ ବାହାରିଥିବା ଷ୍ଟୋରି ଆଧାରରେ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। ବାଚସ୍ପତି ଏହାକୁ ଗ୍ରହଣ କଲେ ନାହିଁ। ଏହାକୁ କ'ଣ ପାଇଁ ଗ୍ରହଣ କଲେ ନାହିଁ ତାହାକୁ ବାଚସ୍ପତି କହିଲେ ନାହିଁ। ପୂର୍ବରୁ ଅନେକ ସମୟରେ ସମାନ ଭାଷା ଓ ସମାନ ଦାବି ଉପରେ ଗୃହରେ ଆଲୋଚନା ହୋଇଛି। ଏହା ଅଗଣତାନ୍ତ୍ରିକ। ବିରୋଧୀ ଦଳଙ୍କ ଅଧିକାରକୁ ବାଚସ୍ପତି ସଙ୍କୁଚିତ କରିବାକୁ ଚାହୁଁଛନ୍ତି। ଖଣି ଦୁର୍ନୀତି ପାଇଁ ସରକାର ଏତେ ଭୟଭୀତ ଯେ ବିରୋଧୀ ଦଳକୁ ସମ୍ମୁଖୀନ ହେବାକୁ ଡରୁଛନ୍ତି ଏବଂ ପଛଘୁଞ୍ଚା ଦେଉଛନ୍ତି। ଭାରତ ଇତିହାସରେ ଏହା ହେଉଛି ପ୍ରଥମ ଘଟଣା, ଯାହାକି ବାଚସ୍ପତିଙ୍କୁ ତାଙ୍କ ଚାମ୍ବରରେ ଘେରାଉ କରି ରଖାଗଲା। ବାଚସ୍ପତିଙ୍କର ଜରୁରୀ ଚିକିତ୍ସା ଦରକାର ପଡ଼ିବାରୁ ତାଙ୍କୁ କିଛି ସମୟ ପାଇଁ ଛଡ଼ା ଯାଇଥିଲା। ହସ୍ପିଟାଲରୁ ଆସିବା ପରେ ଅପରାହ୍ନ ୩ଟା ୪୦ରେ ପୁଣି ତାଙ୍କୁ ତାଙ୍କ ଚାମ୍ବରରେ ଘେରାଉ କରି ରଖାଯାଇଥିଲା। ଏଭଳି ଘଟଣା ବିଧାନସଭା ଇତିହାସରେ କେବେ ହୋଇ ନ ଥିଲା ବୋଲି ନରସିଂହ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ରାଜ୍ୟ ସରକାର ଖଣି ଦୁର୍ନୀତି ଆଲୋଚନାକୁ ଡରୁଛନ୍ତି। ଖଣି ଦୁର୍ନୀତିରେ ରାଜ୍ୟ ସରକାର ଓ ଖଣି ମାଲିକଙ୍କ ସହ ସଲାସୁତରା ରହିଛି। ଆମେ ଯେତେବେଳେ ଏହି ପ୍ରସଙ୍ଗ ପ୍ରଶ୍ନୋତ୍ତର ସମୟରେ ଆଲୋଚନା କରିବାକୁ ଚାହୁଁଛୁ ବାଚସ୍ପତି ଗୃହକୁ ମୁଲତବୀ କରି ଦେଉଛନ୍ତି। ଏହାର ପ୍ରତିବାଦରେ ଆମେ ବାଚସ୍ପତିଙ୍କୁ ଘେରାଉ କରିଥିଲୁ ବୋଲି ସେ କହିଛନ୍ତି।

ବିଜେଡି ସଦସ୍ୟ ପ୍ରତାପ ଦେବ ବିରୋଧୀ ଦଳଙ୍କ ଏଭଳି ଆଚରଣକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ବିରୋଧୀଙ୍କ ଆଚରଣ ରାଜନୀତିରେ ଗୋଲ୍‌ପୋଷ୍ଟ ଶିଫ୍ଟ କରିବା ଭଳି ହୋଇଛି। ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ପାଇଁ ସେମାନେ ଦାବି କରିଥିଲେ। ଆଲୋଚନା ହେଲା, କିନ୍ତୁ ସାର ଅଭାବ, ବୀମା ସମସ୍ୟା ଆଦିକୁ ବିରୋଧୀ ଭୁଲିଗଲେ। ବଡ଼ ପ୍ରସଙ୍ଗକୁ ଛାଡ଼ି ଅନ୍ୟ ଆଲୋଚନା ଚାହୁଁଛନ୍ତି। କାରଣ ଚାଷୀ ପ୍ରସଙ୍ଗରେ ଆଲୋଚନା ହେଲେ କେନ୍ଦ୍ରର ମୁଖା ଖୋଲିଯିବ। ଅନ୍ୟପକ୍ଷରେ ବାଚସ୍ପତି କହିଛନ୍ତି, ବିଜେଡି, ଭାଜପା ଓ କଂଗ୍ରେସ ବିଧାୟକଙ୍କ ସହିତ ସେ ଆଲୋଚନା କରିଛନ୍ତି। କାହିଁକି ମୁଲତବୀ ପ୍ରସ୍ତାବ ଗ୍ରହଣ ହେଲାନି, ତା'ର ଉତ୍ତର ମୁଁ ଦେଇଛି।

## ପ୍ରଶାନ୍ତ ଜଗଦେବ...

ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ଏହି ସମୟରେ ମଣ୍ଡଳ ଭାଜପା ସଭାପତି ନିରଞ୍ଜନ ସେଠୀ ହିତାଧିକାରୀଙ୍କୁ ଧରି ଆବାସ ଯୋଜନା ଓ ବିଭିନ୍ନ ୱାର୍ଡର ସମସ୍ୟା ସମ୍ପର୍କରେ ଜଣାଇବା ପାଇଁ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। କିଛି ସମୟ ପରେ ବିଧାୟକ ଜଗଦେବ ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିବାବେଳେ ଏହାକୁ ଭାଜପା ବିରୋଧ କରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବିଧାୟକ ଓ ତାଙ୍କ ସମର୍ଥକମାନେ ମଣ୍ଡଳ ସଭାପତି ନିରଞ୍ଜନଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲେ। ଫଳରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଏହାକୁ ନେଇ ଭାଜପା ପକ୍ଷରୁ ଥାନାରେ ବିଧାୟକ ଓ କର୍ମୀଙ୍କ ନାଁରେ ଲିଖିତ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଏହି ଆକ୍ରମଣ ସମୟରେ ଜଣେ ଖବରଦାତା ଫଟୋ ଉତ୍ତୋଳନ କରୁଥିଲେ। ତାଙ୍କୁ ମଧ ବିଧାୟକ ଗାଳିଗୁଲଜ କରିବା ସହ ତାଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିବା ନେଇ ସେ ମଧ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବିଧାୟକ ମାଡ଼ ମାରୁଥିବା ଭିଡିଓ ଭାଇରାଲ ହେବା ପରେ ରାଜ୍ୟରେ ରାଜନୈତିକ ତାତି ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ଖବରପାଇ ଅପରାହ୍ନରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ବାଲୁଗାଁ ଥାନାରେ ପହଞ୍ଚି ତୁରନ୍ତ ଅଭିଯୁକ୍ତଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଥିଲେ। ଉକ୍ତ ଘଟଣାକୁ ନେଇ ଅନୁସୂଚିତ ଜନଜାତି କମିଶନରଙ୍କ ପାଖରେ ଉପସ୍ଥାପନ କରାଯିବା ସହ ବିଧାନସଭାରେ ଏହି ଘଟଣାକୁ ଆଗତ କରାଯିବ ବୋଲି ହରିଚନ୍ଦନ ଗଣମାଧମ ଆଗରେ ପ୍ରକାଶ କରିଥିଲେ। ଏପରିକି ବିଧାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଭାଜପା ଚେତାବନୀ ଦେଇଥିଲା।

## ସହଜରେ ବୁଝିହେବା...

ତାକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବିଚାରପତିମାନେ ନିଜ ରାୟରେ ଯାହା ଜଣାଇବାକୁ ଚାହୁଁଛନ୍ତି, ତାକୁ ପ୍ରଶଂସା କରିହେଉନାହିଁ। ମାମଲାର ପୁନର୍ବିଚାର ପାଇଁ ଶୀର୍ଷ ଅଦାଲତ ରେସ୍ ରେକର୍ଡ ମଗାଇବାକୁ ବାଧ ହେଉଛନ୍ତି। ବିଚାରପତିମାନଙ୍କ ଉପରେ ମାମଲାର ବୋଝ ଅଧିକ ଥାଇପାରେ ବୋଲି ସୁପ୍ରିମକୋର୍ଟ ସହମତ ହୋଇଛନ୍ତି। କିନ୍ତୁ ତା' ସହ କହିଛନ୍ତି, ପରିମାଣ ପାଇଁ ଗୁଣବତ୍ତାକୁ ବଳି ଦିଆଯାଇପାରିବ ନାହିଁ। ରାୟ କିପରି ଲେଖାଯିବା ଦରକାର ଓ ସେଥିରେ କ'ଣ ରହିବା ଉଚିତ ତାହା ବି ସୁପ୍ରିମକୋର୍ଟ ବୁଝାଇବେ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଖଣ୍ଡପୀଠ ଆହୁରି କହିଛନ୍ତି, ଏକ ରାୟ ବୋଧଗମ୍ୟ, ବ୍ୟବସ୍ଥିତ ଓ ଯୁକ୍ତିସଙ୍ଗତ ହେବା ଉଚିତ। ଏହାକୁ ପଢ଼ିଲେ ଆଇନଗତ ସିଦ୍ଧାନ୍ତ ଆଧାରରେ ଏକ ଯୁକ୍ତିଯୁକ୍ତ ନିଷ୍କର୍ଷରେ ପହଞ୍ଚି ହେଉଥିବା ଦରକାର। ଖଣ୍ଡପୀଠ ଆହୁରି କହିଛନ୍ତି, ଜଜ୍‌ମେଣ୍ଟର ଅର୍ଥ ହେଉଛି ଏକ ନ୍ୟାୟିକ ମତ, ଯାହା ସମ୍ପୃକ୍ତ ମାମଲାର କାହାଣୀକୁ ବ୍ୟାନ କରିଥାଏ। ମାମଲା କ'ଣ ଏବଂ କୋର୍ଟ ତାକୁ କିପରି ଓ କାହିଁକି ଫଇସଲା କରୁଛନ୍ତି, ସେସବୁ ରାୟରୁ ହିଁ ଜଣାପଡ଼ିଥାଏ।

## ଗହମ ଏମ୍‌ଏସ୍‌ପି...

ବିଶ୍ୱର ଦ୍ୱିତୀୟ ସର୍ବାଧିକ ଗହମ ବ୍ୟବହାରକାରୀ ଦେଶ ହୋଇଥିବାବେଳେ ଚାଷୀଙ୍କୁ ଅଭାବୀ ବିକ୍ରିରୁ ରକ୍ଷା କରିବା ପାଇଁ ପ୍ରତିବର୍ଷ ଏମ୍‌ଏସ୍‌ପି ବୃଦ୍ଧି କରାଯାଇଥାଏ। ଏମ୍‌ଏସ୍‌ପି ଅନୁସାରେ ସରକାର ଚାଷୀଙ୍କଠାରୁ ଫସଲ କିଣିଥାନ୍ତି। ନିୟମ ଅନୁଯାୟୀ ଉଭୟ ଖରିଫ ଓ ରବିଋତୁରେ ଅମଳ ହେଉଥିବା ୨୩ଟି ଫସଲର ଏମ୍‌ଏସ୍‌ପି ଧାର୍ଯ୍ୟ କରାଯାଇଥାଏ। ଅକ୍ଟୋବରରୁ ରବି ଫସଲ ଚାଷ କାର୍ଯ୍ୟ ଆରମ୍ଭ ହେଉଥିବାବେଳେ ଏହା ପୂର୍ବରୁ ଏମ୍‌ଏସ୍‌ପି ବୃଦ୍ଧି କରାଯାଇଛି। ଏହାଦ୍ୱାରା ଚାଷୀ ଲାଭବାନ ହୋଇଥାନ୍ତି। ଚଳିତ ଫସଲ ବର୍ଷ ପାଇଁ ବାର୍ଲି ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୩୫ ଟଙ୍କା ବୃଦ୍ଧି ପାଇ ୧,୬୩୫ ଟଙ୍କା ହୋଇଥିବାବେଳେ ବୁଟ ଡାଲି ଏମ୍‌ଏସ୍‌ପି ୧୩୦ ଟଙ୍କା ବଢ଼ି ୫,୨୩୦ ଟଙ୍କା ଏବଂ ମସୁର ୪୦୦ ଟଙ୍କା ବୃଦ୍ଧି ପାଇ ୫,୫୫୦ ଟଙ୍କା ହୋଇଛି। ସେହିପରି ସୂର୍ଯ୍ୟମୁଖୀ କୁଇଣ୍ଟାଲ ୧୧୪ ଟଙ୍କା ବଢ଼ି ୫,୪୪୧ ଟଙ୍କାରେ ପହଞ୍ଚିଛି।

## ଶନିବାର ଦର୍ଶନ...

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ସୂଚନା ଦେଇଛନ୍ତି। ପୁରୀରେ ସପ୍ତାହାନ୍ତ ଶଟ୍‌ଡାଉନ୍ କଟକଣା ହଟିବା ପରେ ଶନିବାର ଓ ରବିବାର ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ପୁଣି କାର୍ଯ୍ୟକାରୀ କରିବାକୁ ବିଭିନ୍ନ ବର୍ଗର ଲୋକେ ଦାବି କରିଆସୁଥିଲେ। ଏନେଇ ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶନିବାର ଭକ୍ତଙ୍କୁ ଦର୍ଶନ ପାଇଁ ଅନୁମତି ଦିଆଯାଇଛି। ମାତ୍ର ଶ୍ରୀମନ୍ଦିର ଭିତର ଓ ବାହାର ଅଞ୍ଚଳ ସାନିଟାଇଜେଶନ୍ ପାଇଁ ରବିବାର ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଗଣେଶ ଚତୁର୍ଥୀ, ବାମନ ଜନ୍ମ, ବିଶ୍ୱକର୍ମା ପୂଜା, ମହାଳୟା, ଦଶହରା, କୁମାରପୂର୍ଣ୍ଣିମୀ ଭଳି କେତେକ ସ୍ୱତନ୍ତ୍ର ପର୍ବପର୍ବାଣିରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରଦ୍ଧାଳୁମାନେ ମାସ୍କ ପରିଧାନ ସହ ହାତ ସାନିଟାଇଜ କରି ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ମନ୍ଦିର ପରିସରରେ କୌଣସି ବସ୍ତୁକୁ ସ୍ପର୍ଶ କରିବେ ନାହିଁ। ନିର୍ଦ୍ଧାରିତ ସ୍ଥାନରେ ଦୀପଦାନ କରିବେ। ଫୁଲ ଓ ଭୋଗ ସାମଗ୍ରୀ ନେଇ ମନ୍ଦିର ଭିତରକୁ ଯାଇପାରିବେ ମାତ୍ର ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବେ। ଆନନ୍ଦବଜାରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ଭକ୍ତମାନେ ମହାପ୍ରସାଦ ସେବନ କରିପାରିବେ। ସମ୍ପୂର୍ଣ୍ଣ ବ୍ୟବସ୍ଥା କିଭଳି କାର୍ଯ୍ୟକାରୀ ହେବ ସେନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ, ସୁଆର ମହାସୁଆର ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରି ନିଷ୍ପତ୍ତି ନେବେ। ଏସବୁ ବ୍ୟତୀତ ପ୍ରଶାସନ ପକ୍ଷରୁ ପୂର୍ବରୁ ଜାରି ହୋଇଥିବା କଟକଣା ବଳବତ୍ତର ରହିବ। ଶ୍ରଦ୍ଧାଳୁମାନେ କେବଳ ସିଂହଦ୍ୱାରରେ ପ୍ରବେଶ କରି ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିବେ। ଅନ୍ୟପକ୍ଷରେ ପୁରୀ ସହରବାସୀଙ୍କ ପାଇଁ କଟକଣା କୋହଳ ହୋଇନାହିଁ। ଚାରିଦ୍ୱାରରେ ପ୍ରବେଶ ଅନୁମତି ନ ମିଳିବାରୁ ସହରବାସୀଙ୍କୁ ନିରାଶ ହେବାକୁ ପଡ଼ିଛି। ଉକ୍ତ ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ସିଡିଏମ୍‌ଓ ସୁଜାତା ମିଶ୍ର, ପରିଚାଳନା କମିଟି ସଦସ୍ୟ, ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସକମାନେ ଉପସ୍ଥିତ ଥିଲେ।

## ୧୪ ତାଲିବାନୀ...

ପ୍ରତିରକ୍ଷାମନ୍ତ୍ରୀ ଥିବା ମୁଲ୍ଲା ୟାକୁବ ହେଉଛନ୍ତି ସଙ୍ଗଠନର ପ୍ରତିଷ୍ଠାତା ମୁଲ୍ଲା ଉମାରଙ୍କ ପୁଅ। ସେହିପରି ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି ଓ ତାଙ୍କ ଉପମନ୍ତ୍ରୀ ଶେର ଅବାସ ଷ୍ଟାନିକ୍‌ଜାଇଙ୍କ ନାମ ୟୁଏନ୍‌ଏସ୍‌ସି ୧୯୮୮ କଟକଣା କମିଟି (ତାଲିବାନ୍ ସେଙ୍କଶନ୍ କମିଟି)ରେ ରହିଛି। କ୍ୟାବିନେଟ୍‌ର ଶୀର୍ଷ ୫ ନେତାଙ୍କୁ 'ତାଲିବାନ୍ ଫାଇଭ୍' କୁହାଯାଉଛି, ଯାହାଙ୍କ ମଧରୁ ୪ ଜଣ ପୂର୍ବରୁ ଗୁଆଣ୍ଟାନାମୋ ବେ' ଜେଲ୍‌ରେ ଥିଲେ। ସେମାନେ ହେଲେ ମୁଲ୍ଲା ମହମ୍ମଦ ଫଜିଲ (ପ୍ରତିରକ୍ଷା ଉପମନ୍ତ୍ରୀ), ଖଇରୁଲ୍ଲା ଖଇରଖ୍ୱା(ସୂଚନା ଓ ସଂସ୍କୃତି ମନ୍ତ୍ରୀ), ମୁଲ୍ଲା ନୁରୁଲ୍ଲା ନୁରି (ସୀମା ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ) ଏବଂ ମୁଲ୍ଲା ଅବ୍‌ଦୁଲ ହକ୍ ୱାସିକ୍ (ଗୋଇନ୍ଦା ନିର୍ଦ୍ଦେଶକ)। ଏହି ଗ୍ରୁପ୍‌ର ପଞ୍ଚମ ସଦସ୍ୟ ମହମ୍ମଦ ନବି ଉମାରିଙ୍କୁ ଖୋସ୍ତ ପ୍ରଦେଶର ଗର୍ଭର୍ନର ନିଯୁକ୍ତ କରାଯାଇଛି। 'ତାଲିବାନ୍ ଫାଇଭ୍' ନେତାଙ୍କୁ ୨୦୧୪ରେ ଓବାମା ପ୍ରଶାସନ ଗୁଆଣ୍ଟାନାମୋ ବେ' ଜେଲ୍‌ରୁ ମୁକ୍ତ କରିଥିଲେ। ଏହା ବଦଳରେ ଆମେରିକୀୟ ସେନା ଛାଡ଼ିଥିବା ବୋୱେ ବର୍ଗଦହଲଙ୍କୁ ତାଲିବାନ୍ ମୁକ୍ତ କରିଥିଲା। ୧୯୯୮ରେ ମଜାର୍-ଇ-ଶରିଫରେ ଶିଆ ହଜାରା, ତାଜିକ୍ ଏବଂ ଉଜ୍‌ବେକ୍ ସମୁଦାୟ ଉପରେ ଗୁଳି କରିବାପୁ ଫାଜିଲ ଓ ନୁରି ନିର୍ଦ୍ଦେଶ ଦେଇଥିଲେ। ଦୁଇ ଉପପ୍ରଧାନମନ୍ତ୍ରୀ ମୁଲ୍ଲା ଅବ୍‌ଦୁଲ ଗନି ବରାଦର ଓ ମୌଲବୀ ଅବ୍‌ଦୁଲ ସଲାମ ହନାଫିଙ୍କ ବିରୋଧରେ ମଧ ଡ୍ରଗ୍ସ ଚାଲାଣ ମାମଲା ରହିଛି। ଜାତିସଂଘ ଦୁହିଁଙ୍କୁ କଳାତାଲିକାଭୁକ୍ତ କରିଛି। କାମଚଳା ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନି ହେଉଛନ୍ତି ସୋଭିଏଟ୍ ବିରୋଧୀ ୱାର୍‌ଲର୍ଡ ଜଲାଲୁଦ୍ଦିନ ହକ୍କାନିଙ୍କ ପୁଅ। ହକ୍କାନି ନେଟ୍‌ୱର୍କର ନେତୃତ୍ୱ ନେଉଥିବା ଏହି ଆତଙ୍କର ସୌଦାଗର ୨୦୦୮ରେ କାବୁଲର ଏକ ହୋଟେଲରେ ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଜଣେ ଆମେରିକୀୟଙ୍କ ସମେତ ୬ ନିହତ ହୋଇଥିଲେ। ତେଣୁ ସେ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ)ର ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ଜଳ ଓ ଶକ୍ତି ମନ୍ତ୍ରୀ ମୁଲ୍ଲା ଅବ୍‌ଦୁଲ ଲତିଫ୍ ମନ୍‌ସୁର, ଟେଲି କମ୍ୟୁନିକେଶନ୍ ମନ୍ତ୍ରୀ ନଜିବୁଲ୍ଲା ହକ୍କାନି, ଅର୍ଥମନ୍ତ୍ରୀ କାଦ୍‌ରି ଦିନ୍ ହନିଫ୍ ଏବଂ ଆଭ୍ୟନ୍ତରୀଣ ଉପମନ୍ତ୍ରୀ ମୌଲବୀ ନୁର ଜଲାଲଙ୍କ ସମେତ କ୍ୟାବିନେଟର ଅନେକ ସଦସ୍ୟ ଜାତିସଂଘର କଳାତାଲିକାଭୁକ୍ତ ହୋଇଛନ୍ତି।

## ପିଏଚ୍.ଡି., ମାଷ୍ଟର ଡିଗ୍ରୀର...

ମହାନ୍ ହୋଇପାରିଛନ୍ତି ବୋଲି ତାଲିବାନ୍‌ର ନୂଆ ଶିକ୍ଷାମନ୍ତ୍ରୀ ମୌଲବୀ ନୁରୁଲ୍ଲା ମୁନିର ବୁଧବାର କହିଛନ୍ତି। ମୁନିର କହିଥିଲେ, କ୍ଷମତାରେ ଥିବା ମୁଲ୍ଲା ଓ ତାଲିବାନ୍ ନେତାମାନଙ୍କୁ ଦେଖନ୍ତୁ। ସେମାନଙ୍କ ନିକଟରେ ପିଏଚ୍‌ଡି କିମ୍ବା ଏମ୍‌ଏ ଡିଗ୍ରୀ ନାହିଁ। ଏପରିକି ହାଇସ୍କୁଲ ମଧ ପାସ୍ କରିନାହାନ୍ତି। କିନ୍ତୁ ସେମାନେ ସମସ୍ତଙ୍କଠାରୁ ମହାନ୍। ଉଚ୍ଚଶିକ୍ଷାର ପ୍ରାସଙ୍ଗିକତାକୁ ନେଇ ପ୍ରଶ୍ନ ଉଠାଉଥିବା ଶିକ୍ଷାମନ୍ତ୍ରୀଙ୍କ ଏହି ଲଜ୍ଜାଜନକ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣ ନିକଟ ସମ୍ପର୍କୀୟଙ୍କ ଦ୍ୱାରା କାର୍ଯ୍ୟ ହାସଲ କରିବେ। ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟଗୁଡ଼ିକ ପ୍ରତି ଆଗ୍ରହୀ ହେବେ। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କୃତିକା ନକ୍ଷତ୍ରର ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ପ୍ରତ୍ୟେକ କାର୍ଯ୍ୟ ସମସ୍ୟାବହୁଳ ହୋଇପଡ଼ିବା କାରଣରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ମୃଗଶିରା ନକ୍ଷତ୍ରର ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଭାବ ନ ଥିଲେ ମଧ ଆବଶ୍ୟକତା ଅନୁଯାୟୀ ଅର୍ଥାଭାବ ପରିଲକ୍ଷିତ ହୋଇପାରେ।

**ମିଥୁନ** ଆଜିର କାମରେ ଆପଣଙ୍କୁ ପାଖ ପଡ଼ୋଶୀ ସାହାଯ୍ୟ କରିବେ। ଆରଦ୍ରା ନକ୍ଷତ୍ରର ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କ ସାହାଯ୍ୟ ମିଳିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ପ୍ରକାଶନ, ପରିବହନ, ପ୍ରଶାସନ ଓ ଆଇନ ଅଦାଲତରେ ସମସ୍ୟାର ସମାଧାନ ହୋଇଯିବ। ପୁଷ୍ୟା ନକ୍ଷତ୍ରବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ଅଶାନ୍ତ ରହିବେ।

**ସିଂହ** ଅଟକି ରହିଥିବା ଅର୍ଥଲାଭରୁ ମନ ଖୁସି ରହିବ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ମଘା ନକ୍ଷତ୍ରର ଯିବା ଆସିବା ସମୟରେ ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ।

**କନ୍ୟା** ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିବେ। ହସ୍ତା ନକ୍ଷତ୍ର ସକାଶେ ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ସାମୟିକ ଜ୍ୱର କିମ୍ବା ସ୍ନାୟବିକ ଦୁର୍ବଳତା ଜନିତ ଅସ୍ୱସ୍ତିକର ଅନୁଭବ କରିପାରନ୍ତି।

**ତୁଳା** ବିଶାଖା ନକ୍ଷତ୍ର ସମସ୍ୟାର ସରଳ ସମାଧାନ ପାଇଁ ଉଦ୍ୟମ କଲେ ସଫଳତା ପାଇବେ। ଭଲ ସମ୍ପର୍କ ନ ଥିବା ସହକର୍ମୀଟିର ହସ୍ତକ୍ଷେପ ଫଳରେ କୌଣସି କାମ ଶେଷ ମୁହୂର୍ତ୍ତରେ ବିଗିଡ଼ିଯିବା ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ଲାଭ ନ ହେଲେ ମଧ କ୍ଷତି ହେବ ନାହିଁ। ଲାଗି ରହିଥିବା କଚେରି ମାମଲା ସକାଶେ ଦୁଶ୍ଚିନ୍ତା ବଢ଼ିପାରେ।

**ବିଛା** ସାମାଜିକ ସ୍ତରରେ ଅନ୍ୟଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରି ଖୁସି ହେବେ। ଶିଳ୍ପ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଅନୁରାଧା ନକ୍ଷତ୍ର ସକାଶେ ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡ଼ିବ।

**ଧନୁ** ପରିବାରର ଅସ୍ୱାଭାବିକ ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ଅବଶ୍ୟ ପୂର୍ବଷାଢା ନକ୍ଷତ୍ର ପାଇଁ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସମ୍ଭାବନା ରହିଛି। ସଭାସମିତିରେ ଇଚ୍ଛା ବିରୋଧରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ନିଶ୍ଚିତ ମିଳିବ।

**ମକର** ଆପଣଙ୍କର ବ୍ୟବହାର ବନ୍ଧୁଙ୍କ ମନରେ ଆନନ୍ଦ ଭରିଦେବ। କୌଶଳ କ୍ରମେ ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିପାରିବେ। ଉତ୍ତରାଷାଢ଼ା ନକ୍ଷତ୍ରର କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାମଟି ଆଜି କରିପାରିବେ ନାହିଁ। ସହକର୍ମୀଙ୍କଠାରୁ ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ଭାବନା ସୃଷ୍ଟି ହେବ।

**କୁମ୍ଭ** ପୂର୍ବଭାଦ୍ରବ ନକ୍ଷତ୍ର ବନ୍ଧୁଙ୍କୁ ଆପଣେଇ କାମ ହାସଲ କରିବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାରେ ନିଜର ତ୍ୟାଗ ଓ କୌଶଳ କାମକୁ ଆସିବ। କୌଣସି ଅତୀତ ଘଟଣା ବିଷୟରେ ଭାବପ୍ରବଣତା ଯୋଗୁ ସାୟାହ୍ନେ ନୈରାଶ୍ୟ ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକ ପ୍ରକାର ଖୁସି ରହିବ।

**ମୀନ** ଉତ୍ତରଭାଦ୍ରବ ନକ୍ଷତ୍ର ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ପାରିବାରିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ସାମୟିକ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

## ପ୍ରମୋଦଙ୍କୁ ମିଳିବ...

ଏଥିସହିତ ରାଜ୍ୟ ସରକାର ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଖେଳାଳିମାନଙ୍କ ସକାଶେ ୧୫ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ। ପ୍ରମୋଦ ଭୁବନେଶ୍ୱର ଫେରିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଘୋଷଣା କରାଯାଇଥିବା ଅର୍ଥରାଶିର ଚେକ୍ ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ କ୍ରୀଡ଼ାର ବିକାଶ ଲାଗି ପ୍ରତିଶ୍ରୁତିବଦ୍ଧ। ଖେଳାଳିମାନଙ୍କୁ ଆଗାମୀ ଦିନରେ ସମସ୍ତ ପ୍ରକାର ସହଯୋଗ ରାଜ୍ୟ ସରକାର ଜାରି ରଖିବେ। ଉଲ୍ଲେଖଯୋଗ୍ୟ, ଟୋକିଓ ପାରାଲିମ୍ପିକ୍ସରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ଜିତିବା ପରେ ଓଡ଼ିଶା ଏବଂ ଭାରତୀୟ କ୍ରୀଡ଼ା ଇତିହାସରେ ସଫଳତାର ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ବ୍ୟାଡ୍‌ମିଣ୍ଟନରେ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି।


# classifieds

**Everyday**
**0674-2580101, 2549302**



**SALE**

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21590

ଭୁବନେଶ୍ୱର ଚନ୍ଦକାରେ **Nalanda ଓ BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

**Bhubaneswar infocity-2** ପାଖରୁ **200mtrs distance** ଘରବାରି ପଟ୍ଟା **(4plots) 30ft. road, electricity available. Rate-21,00,000/-, 7978444805.** D-70900

ଭୁବନେଶ୍ୱର ଚନ୍ଦକାରେ BCCST College ପାଖରେ ରୋଡ୍, Electricity, Water ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 7735922768, 7326820978. D-70897

ଭୁବନେଶ୍ୱର **Sum Hospital** ନିକଟବର୍ତ୍ତୀ ଅଙ୍ଗାରୁଆରେ **boundary, electricity, gated society**ରେ **plot** କିଣି **immediate** ଘର କରନ୍ତୁ। **9437005434.** D-70898

ଭୁବନେଶ୍ୱର ବିକାଶ ସ୍କୁଲ ନିକଟରେ ଘରବାରି ପ୍ଲଟ୍ sqft.-650/-, ସୁନ୍ଦରପଦାରେ 1500/-, 9937984256. D-70899

**30'road gharabari plot at Ghangapatna 4kms from Sum Hospital and commercial/residential plot Pitapalli NH side. 7978601422.** D-70879

Sum Hospitalରୁ 5k.m. ଭିତରେ gharabari yellowzone, electricity, 30'road, boundary ସହିତ plot ମିଳୁଅଛି। Contact: 8917697736, 7750068828. D-21562

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890



**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

**Construct your home with branded material. We provide plan approval, boring, vastu. 7789824989, 9040744989.** D-70891



2000 sft. each in 1st and 2nd floor, office space Lewis Road. Contact: 8018725357, 9810064588. D-70953

4000sqft. Godown with office space for rent at BJB Nagar. Contact: 9937095445. D-70478



Newly open SPA Offer @599/-, positively health benefits, Kalpana. 8984846329. D-71413

**Refreshing your mind, your body with the best therapy at Lotus SPA. 8018891951.** D-70482

Swarna SPA newly open positively health benefits with expert therapist. 9556978408. D-71150

Newly Open Saikrupa Panchakarma Spa positively health benefits with Expert. 8984068077. D-21564

Newly open full body massage ladies and gents. 7894304092, 8327740003. D-70481

Newly open SPA Offer @699/-, positively health benefits, Jaydevbihar. 7846814019. D-71411

Refreshments rejuvenation body massage therapy with experience therapists, Bhubaneswar. 9668374480. D-71152

**AFFIDAVIT**

By virtue of an affidavit at Bhubaneswar court dated 07.09.2021, this is to certify that Sanand Dash and Sananda Dash are one and the same person. My name stands changed from Sanand Dash to Sananda Dash. I will henceforth known as Sananda Dash. D-21583

By virtue of an affidavit sworn before the Notary Public, Sambalpur, I Gopal Charan Nayak at present R/o. M.I. Colony, Zilla School Chowk, Sambalpur declare that the Birth Certificate of my son Arnav Nayak vide Regd. No.4614 Dt.15.10.2005, in which my middle name has been wrongly mentioned as Chandra instead of Charan. That both Gopal Charan Nayak and Gopal Chandra Nayak is one and the same person. D-21588

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ ହେଉଥିବା ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପରିବେଶ ଚିନ୍ତାରେ ବିତିଲାଣି ୩୩ ବର୍ଷ

ମାସେ କି ବର୍ଷେ ନୁହେଁ, ଦୀର୍ଘ ୩୩ବର୍ଷ ହେଲା ପରିବେଶ ସୁରକ୍ଷାରେ ଲାଗି ପଡ଼ି ଛନ୍ତି ପ୍ରକୃତିପ୍ରେମୀ କାହ୍ନୁଚରଣ ସିଂ। ପେସାରେ ସେ ଜଣେ ଶିକ୍ଷକ, ହେଲେ ନିଶା ପରିବେଶ ସୁରକ୍ଷା ଓ ସମାଜସେବା। ପରିବେଶକୁ ଭଲ ପାଉଥିବା ବ୍ୟକ୍ତିତ୍ୱଙ୍କର ଆଚାର, ବିଚାର ଓ ବ୍ୟବହାର ସମ୍ପୂର୍ଣ୍ଣ ନିଆରା। କାହ୍ନୁଚରଣ ମଧ ସେହିଭଳି ଜଣେ ବ୍ୟକ୍ତିତ୍ୱ।


ପରିବେଶପ୍ରେମୀ କାହ୍ନୁ ଚରଣ ସିଂ।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତର ସାନମଇତାପୁର-ମହାନ୍ତିପୋଖରୀ ଅଞ୍ଚଳର କାହ୍ନୁଚରଣ ସିଂ ଈଶ୍ୱରପୁର ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସିମୁଳିଆ ଓ ଖଇରା ବ୍ଲକର ବିଭିନ୍ନ ୪ଟି ସ୍କୁଲରେ ସେ ଶିକ୍ଷକତା କରିଛନ୍ତି। ତେବେ ବିଭିନ୍ନ ବିଦ୍ୟାଳୟ ପରିସର ସମେତ ମଇତାପୁର ମେଡିକାଲ, ସରକାରୀ ରାସ୍ତା, କେନାଲବନ୍ଧ ପାର୍ଶ୍ୱରେ ସେ ଗତ ପ୍ରାୟ ୩୩ବର୍ଷ ହେଲା ବୃକ୍ଷରୋପଣ କରିଆସୁଛନ୍ତି। ସେଥିମଧ୍ୟରେ ବର, ଅଶ୍ୱତ୍ଥ, କଦମ୍ବ, ଆମ୍ବ ଆଦି ବିଭିନ୍ନ ପ୍ରକାର ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଫୁଲ, ଫଳଗଛ ସମେତ ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରେ ୨୫ହଜାର ତାଳଗଛ ରୋପଣ କରିଛନ୍ତି। ସେ ତାଙ୍କର ଛାତ୍ରୀଛାତ୍ରଙ୍କୁ ଜଣକା ୫ଟି ଲେଖାଏ ଗଛ ଲଗାଇବା ପାଇଁ ପରାମର୍ଶ ଦେବା ସହିତ ନିଜେ ଯାଇ ବୁଲି ଦେଖିଥାନ୍ତି। ପରିବେଶ ପାଇଁ କାହ୍ନୁଚରଣ ମାସିକ ୨୫ଶହ ଟଙ୍କା ଖର୍ଚ୍ଚ କରନ୍ତି। ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ପରିବେଶ କଥା ପାଠରେ ପଢ଼ାନ୍ତି ଓ ବୁଝାନ୍ତି। ତେବେ ବୃକ୍ଷରୋପଣ ନ କରି ଖାଲି ପାଠରେ ପଢ଼ାଇଲେ ପରିବେଶର ସୁରକ୍ଷା ହୋଇପାରିବ ନାହିଁ ବୋଲି ସେ କହନ୍ତି। ଅପରପକ୍ଷେ ତାଳଗଛ ବଜ୍ରପାତକୁ ପ୍ରତିହତ କରିପାରିବ ବୋଲି ସେ କହନ୍ତି। 'ସମୟ ସରି ଆସୁଛି, ଜାଗ୍ରତ ହୁଅ' ବାର୍ତ୍ତା ନେଇ ଶିକ୍ଷକ କାହ୍ନୁଚରଣ ନିଜ ଅଞ୍ଚଳରେ ସମାଜସେବା ପାଇଁ 'ଓମ୍‌କାର ଦିବ୍ୟସେବା ସମିତି' ନାମରେ ଏକ ସଙ୍ଗଠନ ଗଢ଼ିଛନ୍ତି। ଏହି ସମିତିରେ ୧୬ଜଣ ସଭ୍ୟ ବୃକ୍ଷରୋପଣ, ରକ୍ତଦାନ ଆଦି ବିଭିନ୍ନ ସାମାଜିକ କାମ କରୁଛନ୍ତି। କାହ୍ନୁଚରଣ ନିଜେ ମଧ ରେଡ୍‌କ୍ରସକୁ ୩୮ଥର ରକ୍ତଦାନ କରିଛନ୍ତି। ସେ ବାଲେଶ୍ୱର ମଦ ବିରୋଧୀ ଆନ୍ଦୋଳନର 'ମୋନା' ସଙ୍ଗଠନର ବ୍ଲକ ସମ୍ପାଦକ ରହିବା ସହିତ ପଡ଼ୋଶୀ ଭଦ୍ରକ ଜିଲା ବିଶ୍ୱ ହିନ୍ଦୁ ପରିଷଦର ଜିଲା ସାଧାରଣ ସମ୍ପାଦକ ରୂପେ ମଧ କାର୍ଯ୍ୟ କରୁଛନ୍ତି। ଏହାବ୍ୟତୀତ ସ୍ଥାନୀୟ ମଇତାପୁର ରୁଦ୍ରାଶ୍ରମ ଗୋଶାଳା ଓ ଖଡିଗଡିଆ ଭାଗବତ ଆଶ୍ରମର ସଭ୍ୟ ରୂପେ ମଧ କାର୍ଯ୍ୟ କରୁଛନ୍ତି। ସେ ନିଜେ ଜଣେ ଆଦିବାସୀ ଶ୍ରେଣୀର ହୋଇଥିବାରୁ ବିଭିନ୍ନ ହରିଜନ, ଆଦିବାସୀମାନଙ୍କ ସମେତ ସାଧାରଣ ଲୋକଙ୍କୁ ବିଭିନ୍ନ ନିଶା କବଳରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଅନ୍ତି। ଜଣେ ମଞ୍ଚ କଳାକାର ରୂପେ ସେ ସମ୍ମାନିତ ହୋଇଛନ୍ତି। ବୃକ୍ଷରୋପଣ ପାଇଁ ଗତ ୨୦୧୬ରେ ଶିକ୍ଷକତା କରୁଥିବା ନୂଆସାହି ବିଦ୍ୟାଳୟ ସମେତ ଖଇରା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା।

**-ସନ୍ତୋଷ କୁମାର ନାୟକ,** ସିମୁଳିଆ

# ସାମାଜିକ ଜୀବନକୁ ପ୍ରଭାବିତ କରେ ନାଟକ

**ବାଲେଶ୍ୱର ଅଫିସ, ୮।୯**

## ସ୍ରଷ୍ଟା ରଙ୍ଗମଞ୍ଚର ବାର୍ଷିକ ଉତ୍ସବ


ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର ସହର ମାକଲପୁରସ୍ଥିତ ସ୍ରଷ୍ଟା ନାଟ୍ୟଶାଳାରେ ବୁଧବାର ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନାଟ୍ୟଜୀବନର ୫୦ବର୍ଷ ପୂର୍ତ୍ତି ଓ ରଙ୍ଗମଞ୍ଚର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସଙ୍ଗୀତ ନାଟକ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ନବୀନ ପରିଡ଼ା, ରେବତୀର ସମ୍ପାଦିକା ସୁବାସିନୀ ଜେନା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗୁରୁପ୍ରସାଦ ମିଶ୍ର ପ୍ରମୁଖ ସାମାଜିକ ଜୀବନ ଉପରେ ନାଟକର ପ୍ରଭାବ ରହିଥିବା କହିଥିଲେ। ସ୍ରଷ୍ଟାର ସଭାପତି ଆଲୋକ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ପାଦକ ହେମେନ୍ଦ୍ର ମହାପାତ୍ର ସଭାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ରଙ୍ଗମଞ୍ଚ ଆଲୋଚନା ସମ୍ବର୍ଦ୍ଧନା ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ନାଟକ ସମ୍ବର୍ଦ୍ଧନା ନବୀନ ପରିଡ଼ା, ସଙ୍ଗୀତ ସମ୍ବର୍ଦ୍ଧନା ଅନିନ୍ଦିତା ଦାସ ଓ ବୈଷୟିକ ସମ୍ବର୍ଦ୍ଧନା ରତିକାନ୍ତ ମଲ୍ଲିକଙ୍କୁ ପ୍ରଦାନ କରାଯାଇଥିଲା। ଅନିନ୍ଦିତା ଦାସ ଓ ନନ୍ଦକିଶୋର ଦାସ ଦୁଇଟି ସୁନ୍ଦର ସଙ୍ଗୀତ ପରିବେଷଣ କରିଥିଲେ। ସଭ୍ୟ ବ୍ରହ୍ମନାଥ ରଥଙ୍କ ପୌରୋହିତ୍ୟରେ ସଭା ପରିଚାଳିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନାଟକ ଉପରେ ଆଲୋଚନା କରାଯାଇଥିଲା। ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରମୋଦ ରଥ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଆଲୋଚକ ଡ. ପ୍ରଦୀପ ଭୌମିକ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ଶିରିଶ ଜେନା, ଡ. ବ୍ରଜଗୋପାଳ ମହାନ୍ତି, ଡ. ଭାଗବତ ଦାସ, ରତ୍ନାକର ସିଂ ପ୍ରମୁଖ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନାଟକ ଉପରେ ଆଲୋଚନା କରିଥିଲେ। ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ପରିଚାଳିତ କାର୍ଯ୍ୟକ୍ରମରେ ସ୍ରଷ୍ଟାର ବରିଷ୍ଠ ସଦସ୍ୟ ସଂଗ୍ରାମ ମହାନ୍ତି, ଗୌରୀଶଙ୍କର ସାହାଣୀ, ମନୋରଞ୍ଜନ ଦାସ, ବିଶ୍ୱଜିତ ମହାପାତ୍ର, ଅଜୟ ଆଚାର୍ଯ୍ୟ, ସୁଲଳିତ କର, ଶ୍ୟାମରାୟୀ କର, ସ୍ୱାତି ପଣ୍ଡା ଓ ମାମା ମିଶ୍ର ପ୍ରମୁଖ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




# ଗୁରୁ ନିର୍ମାଣ କରିବା ପ୍ରକୃତ ଗୁରୁର ଧର୍ମ

## ଶିକ୍ଷକ ସମ୍ମିଳନୀ, ସମ୍ବର୍ଦ୍ଧନା ସଭା

**ରୂପସା, ୮।୯(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅନ୍ତର୍ଗତ ଆଘିରିଆ ଅମରେଶ୍ୱର ଉପ୍ରା ବିଦ୍ୟାଳୟରେ ମିରିଗିମୁଣ୍ଡି କ୍ଲଷ୍ଟରସ୍ତରୀୟ ଶିକ୍ଷକ ସମ୍ମିଳନୀ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜୟ କୁମାର ପରିଡ଼ା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୁରୁ ଭାବେ ନିର୍ମାଣ କରିବା ପ୍ରକୃତ ଗୁରୁର ଧର୍ମ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ସିଆରସିସି ମାୟାଧର ବେହେରା, ସମ୍ମାନିତ ଅତିଥି ପ୍ରାକ୍ତନ ସିଆରସିସି ଶରତ ଚନ୍ଦ୍ର ଜେନା, ଅମରେନ୍ଦ୍ର ଦାସ ଓ ଗୋକୁଳାନନ୍ଦ ବାରିକ, ସିଆରସିସି ପ୍ରବୀର କୁମାର ଦାସ, ପ୍ରଧାନ ଶିକ୍ଷକ ପର୍ଶୁରାମ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇ ଗୁରୁ, ଶିଷ୍ୟଙ୍କ ସମ୍ପର୍କ ନିବିଡ ହେଲେ ଶିକ୍ଷାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହେ ବୋଲି କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ସୃଷ୍ଟିଧର ପରିଡା, ପ୍ରଶାନ୍ତ କୁମାର ଗିରି, ଅନୀଲ କୁମାର ପଣ୍ଡା, ପ୍ରଦୀପ କୁମାର ପଣ୍ଡା ଓ ଶିକ୍ଷୟିତ୍ରୀ ଚନ୍ଦନା ଭଟ୍ଟାଚାର୍ଯ୍ୟଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଜଗଦୀଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମେରୁମଠରେ ନବାନ୍ନ ଲାଗି

**ସାରସକଣା,୮।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ କୂଳରେ ଥିବା ମେରୁମଠ (ଅଲେଖ ମହିମା ଆଶ୍ରମ)ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ନୂଆଖାଇ ପର୍ବ ପାଳିତ ହୋଇଯାଇଛି। ମହିମା ସନ୍ୟାସୀ ବିମ୍ବାଧର ଦାସ ଓ ବାବା ସଞ୍ଜୟ ଦାସଙ୍କ ନେତୃତ୍ୱରେ ଆଖପାଖରେ ଥିବା ବହୁ ମହିମା ଧର୍ମାବଲମ୍ବୀ ଓ ସାଧୁସନ୍ଥ ଏକତ୍ରିତ ହୋଇ ନବାନ୍ନ ଖାଇଥିଲେ। ବୁଧବାର ପ୍ରଥମ ଅମଳ ହେଉଥିବା ଆଟ ଧାନକୁ ସଂଗ୍ରହ କରି ନୂଆପାତ୍ରରେ ରଖାଯାଇଥିଲା। ପରେ ଏଥିରୁ ଚୁଡ଼ା ପ୍ରସ୍ତୁତ କରାଯାଇଥିଲା। ଚୁଡ଼ାରେ ଘିଅ, ଗୁଡ଼, ପଞ୍ଚାମୃତ, କଦଳୀ ଓ ନଡ଼ିଆ ମିଶାଇ ନବାନ୍ନ ତିଆରି ହୋଇଥିଲା। ଅଲେଖ ଗୋସାଇଁଙ୍କୁ ନବାନ୍ନ ସମର୍ପଣ ପରେ ସମସ୍ତେ ମିଳିତ ଭାବରେ ନବାନ୍ନ ଭକ୍ଷଣ କରିଥିଲେ।

# ଇ-ଶ୍ରମ କାର୍ଡ ପାଇଁ ରାତିଅଧିଆ ଭିଡ଼

**ପଦ୍ମପୁର,୮।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଗୁଆଗଡ଼ିଆ ଗ୍ରାମର କମାରଗାଁ ଛକଠାରେ ମଙ୍ଗଳବାର ରାତି ପ୍ରାୟ ୨ଟା ବେଳେ କିଛି ସାଇବର କେଫ, ଷ୍ଟୁଡିଓ ଏବଂ ଜେରକ୍ସ ଦୋକାନରେ ଇ-ଶ୍ରମ କାର୍ଡ ପାଇଁ ଭିଡ଼ ଜମିଥିଲା। ଦିନରେ ୱେବସାଇଟ୍ ଖୋଲୁ ନ ଥିବାରୁ ରାତିଅଧିଆ ଲୋକେ ରେଜିଷ୍ଟ୍ରେଶନ କରୁଥିବା କୁହାଯାଇଛି। ପ୍ରକାଶ ଯେ, ଏଭଳି ଭିଡ଼ ଜମିଥିବା ଖବର ପାଇ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ସେଠାରେ ପହଞ୍ଚିଥିଲେ। ରାତିରେ କାହିଁକି ଦୋକାନ ଖୋଲି ଇ-ଶ୍ରମ କାର୍ଡ କରାଯାଉଛି ବୋଲି ସେ ପଚାରିବାରୁ ଦୋକାନୀମାନେ ରାତି ୨ରୁ ସକାଳ ୫ ପର୍ଯ୍ୟନ୍ତ ସାଇଟ୍‌ରେ ରେଜିଷ୍ଟ୍ରେଶନ କରି ହେଉଛି, ଅନ୍ୟ ସମୟରେ ସାଇଟ୍ ଖୋଲୁ ନ ଥିବା କହିଥିଲେ। ଅପରପକ୍ଷେ ପଞ୍ଜୀକରଣ ପାଇଁ ବିଭିନ୍ନ ବର୍ଗର ପୁରୁଷ ଓ ମହିଳା ବିଳମ୍ବିତ ରାତିରେ ଆସୁଥିବାରୁ ଅଘଟଣ ଘଟିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି। ତେବେ କେଉଁ କାରଣ ପାଇଁ ୱେବସାଇଟ ଦିନରେ ଖୋଲୁନି ସେନେଇ କାରଣ ଜଣାପଡି ନାହିଁ। ବ୍ଲକର ପଦ୍ମପୁର, ବାଲିମେଦ, ରାଜଘରପୋଖରୀ, ବିଦେଇପୁର, ନାୟକାଣିଡିହୀ, ଚାନ୍ଦିମାଳ, ପଦୁଆଁ, ବେତଡ଼ା ଓ ଶୁକଦେବପୁର ବଜାରରେ ଏଭଳି ରାତିଅଧିଆ ରେଜିଷ୍ଟ୍ରେଶନ ଚାଲିଥିବା ଦେଖିବାକୁ ମିଳିଛି। ତହସିଲଦାର ପାଣିଗ୍ରାହୀ ଏ ସମ୍ପର୍କରେ ଜିଲାପାଳ ଓ ଶ୍ରମ କମିଶନରଙ୍କୁ ଅବଗତ କରାଇଥିବା କହିଛନ୍ତି।



























# ଉନ୍ମୋଚନ ହେଲା କେନ୍ଦ୍ରମନ୍ତ୍ରୀଙ୍କ ବାର୍ଷିକ ରିପୋର୍ଟ କାର୍ଡ

ବାରିପଦା ଅଫିସ,୮।୯

ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ପରାମର୍ଶଦାତା କମିଟି ଆନୁକୂଲ୍ୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁଙ୍କ ବାର୍ଷିକ ରିପୋର୍ଟ କାର୍ଡ ବୁଧବାର ଉନ୍ମୋଚନ ହୋଇଛି। କମିଟିର ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କ ପୌରହିତ୍ୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ୨୦୨୦ଆର୍ଥିକ ବର୍ଷରେ ନିଜ ସଂସଦୀୟ କ୍ଷେତ୍ରରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି।

ରାସଗୋବିନ୍ଦପୁରଠାରେ ଥିବା ବିମାନ ଅବତରଣ କେନ୍ଦ୍ରର ପୁନରୁଦ୍ଧାର ଲାଗି ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି ଖୁବ୍ ଶୀଘ୍ର ଉଡାନ ଯୋଜନାରେ ଏହାକୁ ସାମିଲ କରାଯିବ। ଏ ନେଇ କେନ୍ଦ୍ରରୁ ଏକ ପ୍ରତିନିଧି ଦଳ ବାରିପଦା ଗସ୍ତରେ ଆସି ସମୀକ୍ଷା କରିବାର ଯୋଜନା ରହିଛି। ସେହିପରି ବୁଢ଼ାମରା-ଚାକୁଳିଆ, ଗୋରୁମହିଷାଣୀ-ବାଦାମପାହାଡ଼ ଓ ବାଦାମପାହାଡ଼-କେନ୍ଦୁଝର ନୂତନ ରେଳପଥ ନିମନ୍ତେ କେନ୍ଦ୍ର ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶା ଓ ଝାଡ଼ଖଣ୍ଡ ସରକାରଙ୍କ ସହ ଆଲୋଚନା ପରେ ଏହି ରେଳପଥର ସମ୍ପ୍ରସାରଣ କରାଯିବ ବୋଲି ରିପୋର୍ଟରେ କୁହାଯାଇଛି। ଜିଲାରେ ଅଧିକ ୧୪ଟି ଏକଲବ୍ୟ ଆବାସିକ ସ୍କୁଲ ଖୋଲିବାକୁ ଯାଉଛି। ଖୁବଶୀଘ୍ର ବଡ଼ସାହି, କପ୍ତିପଦା, ଗୋରୁମହିଷାଣୀ ଓ ଚାନ୍ଦୁଆରେ ଏହାର ଶିଳାନ୍ୟାସ କରାଯିବ। ଜିଲାରେ ଥିବା ଶିମିଳିପାଳ ଅଭୟାରଣ୍ୟର ଖିଚିଂ, ବରେହିପାଣି, ଦେବକୁଣ୍ଡ ଓ ଶମୀବୃକ୍ଷଠାରେ ରୋପୱେ ବ୍ୟବସ୍ଥା କରାଯିବା ସହ ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ ନିମନ୍ତେ କେନ୍ଦ୍ରମନ୍ତ୍ରୀ ସବୁଜ ସଙ୍କେତ ଦେଇଛନ୍ତି। ଆଦିବାସୀମାନେ ଲଘୁଜାତ ବନ୍ୟଦ୍ରବ୍ୟ ବିକ୍ରି ପାଇଁ ୨୬ଟି ବ୍ଲକରେ ବନଧନ କେନ୍ଦ୍ର ଖୋଲିବା ନେଇ କାର୍ଯ୍ୟ ଆରମ୍ଭ କରାଯାଇଥିବା ଆଦି ଏହି ରିପୋର୍ଟ କାର୍ଡରେ ଦର୍ଶାଯାଇଛି। ଆଦିବାସୀ ମାଙ୍କିଡିଆ ଓ ଖଡିଆ ଜାତି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଜିଲାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ସହିତ ଜିଲାର ପ୍ରମୁଖ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସଦାସର୍ବଦା ଚେଷ୍ଟା ଜାରି ରଖିଥିବା ମନ୍ତ୍ରୀ ଟୁଡୁ ପ୍ରକାଶ କରିଛନ୍ତି। ସଂସଦୀୟ କ୍ଷେତ୍ରର ସଦସ୍ୟ ଜୀବନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ବିଷ୍ଣୁ ଶତପଥି ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାସଭାପତି କାନ୍ଦରା ସୋରେନ ଓ ଛୋଟେଲାଲ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ବାର୍ଷିକ ରିପୋର୍ଟ କାର୍ଡ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ବିନା ପ୍ରଶିକ୍ଷଣରେ ସଫଳ

ଦୃଢ଼ ଇଚ୍ଛାଶକ୍ତି ଥିଲେ ଅସାଧ୍ୟ କାର୍ଯ୍ୟ ହାସଲ ହୁଏ। ସଫଳତାର ଶୀର୍ଷରେ ମଣିଷ ପହଞ୍ଚି ପାରେ। ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କରିଛନ୍ତି କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତର ଦୁର୍ଗାଦେଇପୁର ଶାସନ ଗ୍ରାମର ଯୁବ ସଙ୍ଗୀତ ନିର୍ଦ୍ଦେଶକ ଚିନ୍ମୟ ଦାଶ। ବିନା ପ୍ରଶିକ୍ଷଣରେ ନିଜ ପ୍ରତିଭା ବଳରେ ସେ ସଫଳତା ସାଉଁଟିଛନ୍ତି।

କାହାଠାରୁ ସଙ୍ଗୀତ ଶିକ୍ଷା ନ କରି ସେ ୧୫୦ରୁ ଊର୍ଦ୍ଧ୍ୱ ଗୀତର ନିର୍ଦ୍ଦେଶନା ଦେଇଛନ୍ତି। ଅନେକ ହିଟ ଗୀତରେ ମ୍ୟୁଜିକ କମ୍ପୋଜ କରି ସେ ଓଡ଼ିଶା ଆଲବମ୍ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଶ୍ରୋତାଙ୍କ ମନ ଜିଣି ପାରିଛନ୍ତି। ସେ ଅନେକ ରୋମାଣ୍ଟିକ ସଙ୍ଗୀତ, ବିରହ ସଙ୍ଗୀତ ଆଉ ଭଜନରେ ସଫଳତା ସହ ମ୍ୟୁଜିକ କମ୍ପୋଜ କରିଛନ୍ତି। ପ୍ରମୁଖ ଲୋକ ପ୍ରିୟ ଗୀତ ତୋଆଖି ମୋଆଇନା, ତୁ ଇସ୍କ ମୋ ପ୍ୟାର, ଓଢ଼ଣୀ ପଡିଛି ନାଲି ନାଲି, ହାରିଗଲି ପ୍ରେମରେ ମୁଁ ପାଇଲି ଧକ୍କା, ଗରିବ ପ୍ରେମିକ ବୋଲି ଭାଙ୍ଗିଲୁ ମୋ ହୃଦୟ ଆଦି ଆଲବମ ଗୀତ ଗୁଡ଼ିକ ଚିନ୍ମୟଙ୍କ ହିଟ ମ୍ୟୁଜିକ୍‌ରେ ଓଡ଼ିଶାର ଦର୍ଶକଙ୍କ ମନକୁ ଛୁଇଁଛି। ଏସବୁ ଗୀତ ଗୁଡ଼ିକୁ ଅସୀମା ପଣ୍ଡା, ହ୍ୟୁମାନ ସାଗର, ଦୀପ୍ତି ରେଖା ପାଢ଼ୀ, ଅର୍ପିତା ଚୌଧୁରୀ ସ୍ୱୟମ ପାଢ଼ୀ ପ୍ରମୁଖ ଓଡ଼ିଶାର ଲୋକ ପ୍ରିୟ କଣ୍ଠଶିଳ୍ପୀମାନେ ଗାଇଛନ୍ତି। ସୁଯୋଗ ମିଳିଲେ ଚିନ୍ମୟ ସିନେମା ଓ ଟେଲିଭିଜନ ଧାରାବାହିକରେ ସଙ୍ଗୀତ ନିର୍ଦ୍ଦେଶନା ଦେବେ ବୋଲି କହିଛନ୍ତି।

**-ବୀର କିଶୋର ଦାଶ,** ପାଟଣା


ଆଲବମ ସଙ୍ଗୀତ ନିର୍ଦ୍ଦେଶକ ଚିନ୍ମୟ

# ଏଟିଏମ୍ ଭାଙ୍ଗି ଲୁଟ ଉଦ୍ୟମ

ପାଟଣା, ୮।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ମୁମ୍ବାଇ କଲିକତା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସାହୁ ମାର୍କେଟ କମ୍ପ୍ଲେକ୍ସ ଭିତରୁ ଏସ୍‌ବିଆଇ ଏଟିଏମକୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଲୁଟ ଉଦ୍ୟମ କରିଛନ୍ତି। ସୋମମବାର ସକାଳୁ କେତେକ ଲୋକ ଟଙ୍କା ଉଠାଇବାକୁ ଯାଇଥିବା ସମୟରେ ଏଟିଏମ୍ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଘଟଣା ସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଦୁର୍ବୃତ୍ତ ଏଟି ଏମ ଭାଙ୍ଗିଥିଲେହେଁ ଟଙ୍କା ଲୁଟ ଉଦ୍ୟମ କରି ବିଫଳ ହୋଇ ଥିବା ଥାନା ଅଧିକାରୀ ବୈଦ୍ୟନାଥ ସାହୁ କହିଛନ୍ତି।

Best Wishes DHARITRI
ରିୟାନସି ପଣ୍ଡା
ଗାଁ: ଶୈଳଶ୍ରୀ ବିହାର
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

HAPPY BIRTHDAY DHARITRI
ଅର୍ଣ୍ଣଭ ମହାପାତ୍ର
ଗାଁ: ନନ୍ଦକିଶୋରପୁର
ବ୍ଲକ: ଦାନଗଦି, ଜି.: ଯାଜପୁର

ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀର ଉନ୍ନତି କାମନା କରୁଛି, ପଲାଣଘାଟି ପଞ୍ଚାୟତବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ନେତ୍ରମଣୀ ନାୟକ
ସରପଞ୍ଚ, ପଲାଣଘାଟି
ପାଟଣା ବ୍ଲକ, କେନ୍ଦୁଝର

ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ଅନେକ ଶୁଭେଚ୍ଛା। ପାଟଣା ରେଞ୍ଜ ଅଞ୍ଚଳର ଅଧିବାସୀମାନେ ବନ ସୁରକ୍ଷା କରି ପରିବେଶ ସୁରକ୍ଷାରେ ସହଯୋଗ କରିବା ସହ ବନାଅଗ୍ନି କବଳରୁ ଜଙ୍ଗଲକୁ ସୁରକ୍ଷିତ ରଖନ୍ତୁ ।
ଟିକେଶ୍ୱର ମହାନ୍ତ
ପାଟଣା ରେଞ୍ଜର, କେନ୍ଦୁଝର

'ଧରିତ୍ରୀ' ଦୈନିକ ଖବରକାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ଝାରପୋଖରିଆବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଶ୍ରୀ ମଧୁ ମାହାଲି
ସମିତି ସଭ୍ୟ
ଝାରପୋଖରିଆ

Happy Birthday Dharitri
ସୋୟମ ସମ୍ଭବ ପୃଷ୍ଟି
ଗାଁ: ବଡ଼ଏକ ତାଲି
ବ୍ଲକ: ଆନନ୍ଦପୁର, କେନ୍ଦୁଝର

ଧରିତ୍ରୀର ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ।
ଇଂ. ମୋନସଲିସା ଚକ୍ର
ପାଟଣା ବ୍ଲକ, କେନ୍ଦୁଝର

ଧରିତ୍ରୀର ଉତ୍ତର ଓଡ଼ିଶା ସଂସ୍କରଣ ଅବସରରେ ଧରିତ୍ରୀ ଖବରକାଗଜର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।
ବିଜୟରତ୍ନ ପତି
ଯୁବସମାଜସେବୀ ତଥା
ପାଟଣା ପ୍ରେସ୍ କ୍ଲବ
ସମ୍ପାଦକ, ପାଟଣା, କେନ୍ଦୁଝର

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଇବା ସହ ଚିନାମାଳି ପଞ୍ଚାୟତର ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି ।
କନକଲତା ନାଏକ
ସରପଞ୍ଚ, ଚିନାମାଳି ପଶି
ପାଟଣା ବ୍ଲକ, କେନ୍ଦୁଝର

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ଉନ୍ନତି କାମନା କରୁଛି।
ଅମରେନ୍ଦ୍ର କର
ଜିଲ୍ଲା ସାଧାରଣ ସମ୍ପାଦକ, ବିଜେଡି

ଧରିତ୍ରୀ ସ୍ୱନକ୍ଷତ୍ର ଦିବସରେ ତା'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।
ବୈଦ୍ୟନାଥ ସାହୁ
ଓ ନାତୁଣୀ ପିହୁ ସହ
ଆଇ ଆଇ ସି., ତୁରୁମୁଙ୍ଗା, କେନ୍ଦୁଝର

ଧରିତ୍ରୀର ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋର ହାର୍ଦ୍ଦିକ ଶୁଭେଚ୍ଛା। ଧାଙ୍ଗୁଡ଼ିଶୋଳ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।
ରାଧିକା ନାଏକ
ସରପଞ୍ଚ, ଧାଙ୍ଗୁଡ଼ିଶୋଳ

ଧରିତ୍ରୀ ଖବରକାଗଜର ସ୍ୱନକ୍ଷତ୍ର ଦିବସରେ ପାଟଣା ତଥା କେନ୍ଦୁଝର ଜିଲ୍ଲାର ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ହେମନ୍ତ ନାୟକ
ବାଉଁଶୁଳୀ, ପାଟଣା ବ୍ଲକ, କେନ୍ଦୁଝର

ଲୋକପ୍ରିୟ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀ ପରିବାରର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ।
ମିତ୍ରଭାନୁ ମହାନ୍ତ
(କୁଡୁମୀ ସେନା ରାଜ୍ୟ ଉପ-ସଭାପତି ତଥା ପାଟଣା ବ୍ଲକ ଓସ୍ଥା ସଂଯୋଜକ)
ପଞ୍ଚାୟତ: କଣ୍ଡିଆପଡ଼ା, ଗ୍ରା: ବଲାଣିପଶି,
ପାଟଣା ବ୍ଲକ, କେନ୍ଦୁଝର

ଧରିତ୍ରୀର ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀ ମଙ୍ଗଳ ସିଂ
ବ୍ଲକ ଅଧ୍ୟକ୍ଷ, ସାରସକଣା

'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଜୟକୃଷ୍ଣ ବେହେରା
ବାଲେଶ୍ୱର ସଦର ବ୍ଲକ
ସଭାପତି, କଂଗ୍ରେସ

ଧରିତ୍ରୀର ଜନ୍ମଦିନରେ ଧରିତ୍ରୀ ଖବରକାଗଜ ଆହୁରି ପାଠକୀୟ ଆଦୃତି ଲାଭ କରୁ ।
ବୈତରଣୀ ରାଇସ୍ ମିଲ୍ସ
ପାଟଣା ବ୍ଲକ, ଗୁଲୁଦୀପଶି, କେନ୍ଦୁଝର

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ସାରସକଣା ବ୍ଲକର ସମସ୍ତ ଗୁରୁଜନ, ଛୋଟବଡ଼ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।
ଭାନୁମତୀ ବେହେରା
ଶିଶୁ ସମନ୍ୱୟ ଅଧିକାରିଣୀ
ସାରସକଣା ବ୍ଲକ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।
ଇଂ. ପୁରୁଷୋତ୍ତମ ସାହୁ
(ସହକାରୀ ଯନ୍ତ୍ରୀ), ପାଟଣା ବ୍ଲକ, କେନ୍ଦୁଝର

